**ଓଡିଶା ସରକାର**

**ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**

*********

**ଅଧିସୂଚନା**

File No.L.A-IX-1/2017/ 13648 Dated 29.08.2018

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦେଶ୍ୟରେ ଅର୍ଥାତ ଖୋର୍ଦ୍ଧା ଜିଲ୍ଲାର ହରିପୁର ମୌଜା ରେ ଶିଳ୍ପ ପ୍ରତିଷ୍ଠା (ସାମୁଦ୍ରିକ ଫୁଡ ପାର୍କ, ଡ଼େରାସ କୁ ଅପ୍ରୋଚ ରୋଡ ନିର୍ମାଣ) ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-ହରିପୁର, ଥାନା-ଚନ୍ଦକା, ତହସିଲ-ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା ରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୨.୧୦୦ ଡିସିମିଲ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ଆଇନ, ୨୦୧୩ (RFCTLAR&R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚି ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ହରିପୁର ମୌଜା ରେ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଶିଳ୍ପ ପ୍ରତିଷ୍ଠା (ସାମୁଦ୍ରିକ ଫୁଡ ପାର୍କ, ଡ଼େରାସ କୁ ଅପ୍ରୋଚ ରୋଡ ନିର୍ମାଣ) ନିମନ୍ତେ ।

୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଚିଫ ଜେନେରାଲ ମ୍ୟାନେଜର (ଲାଣ୍ଡ) ଇଡକୋ, ଭୁବନେଶ୍ୱର ।

୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଅବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ହରିପୁର ମୌଜା ରେ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଶିଳ୍ପ ପ୍ରତିଷ୍ଠା (ସାମୁଦ୍ରିକ ଫୁଡ ପାର୍କ, ଡ଼େରାସ କୁ ଅପ୍ରୋଚ ରୋଡ ନିର୍ମାଣ) ନିମନ୍ତେ କାର୍ଯ୍ୟକାରି କରିବା ।

୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଓଡିଶା ସରକାର ରାଜସ୍ୱ ଓ ପରିଚାଳନା ବିଭାଗ ଘୋଷଣା ନାମା ଚିଠି ସଂଖ୍ୟା. ୨୧୯୮୩ /୨୦.୦୬.୨୦୧୮ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରା ରେ ଅନୁମୋଦନ ହୋଇଅଛି ।

୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ ଜିଲ୍ଲାପାଳ, ଭୁବନେଶ୍ୱର ।

୬- ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଖୋର୍ଦ୍ଧା | ଭୁବନେଶ୍ୱର | ହରିପୁର | ଗ୍ରାମାଞ୍ଚଳ | ଏଥି ସହିତ ସଲଗ୍ନ | ଏଥି ସହିତ ସଲଗ୍ନ | ୨୧.୦୦୫ | ୨.୧୦୦ | ଏଥି ସହିତ ସଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଖୋର୍ଦ୍ଧା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପଳଙ୍କ ଆଦେଶକ୍ରମେ

ଜିଲ୍ଲାପାଳ, ଖୋର୍ଦ୍ଧା

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚିତ)

ଜିଲ୍ଲା- ଖୋର୍ଦ୍ଧା

ତହସିଲ-ଭୁବନେଶ୍ୱର

ମୌଜା-ହରିପୁର

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ ଓ ଧାମ |
|---|---|---|---|---|---|---|---|---|
| ଖୋର୍ଦ୍ଧା | ଭୁବନେଶ୍ୱର | ହରିପୁର | ଗ୍ରାମାଞ୍ଚଳ | ୧୦ | ୩୭୨(ପା) | ଏ. ୧୧.୮୨୦ | ଏ. ୦.୦୦୫ | ଉର୍ମିଳା ଦେଇ, ସ୍ୱା-ଗୁରୁଚରଣ ପଟ୍ଟନାଏକ, ଯାଁଳା, ହାରାମଣି ଦେଇ, ସ୍ୱା-ନଟବର ସାମନ୍ତରା, ଯଶବନ୍ତି ଦେଇ, ସ୍ୱା-ରଘୁନାଥ ବଡଜେନ, ନୟନ ପ୍ରଭା ଦେଇ, ସ୍ୱା-ରାମଚନ୍ଦ୍ର ବଡଜେନ, ମାଗୁଣି ଚରଣ ସାମନ୍ତରା, ପି-ଗୌରାଙ୍ଗ, ସାମନ୍ତରା, ମେଣ୍ଢାଶାଳ |
| | | | | ୨୯ | ୪୮୪(ପା) | ଏ.୦.୫୫୦ | ଏ. ୦.୦୧୦ | ଗିରିଧାରି ପ୍ରଧାନ, ପି-ହାଡୁ ପ୍ରଧାନ, ମେଣ୍ଢାଶାଳ |
| | | | | ୬୧ | ୪୯୧(ପା) | ଏ.୦.୩୧୦ | ଏ.୦.୦୩୫ | ନୀଳମଣି ଦେଇ, ପି-ଭଗବାନ ମାର୍ଥା, ମେଣ୍ଢାଶାଳ |
| | | | | ୬୩ | ୪୮୬(ପା) | ଏ.୦.୨୪୦ | ଏ. ୦.୧୫୫ | ପ୍ରବୋଧ କୁମାର ପଟ୍ଟନାୟକ, ପି-ବନବିହାରୀ ପଟ୍ଟନାୟକ, ଗ୍ରାମଡ଼ିହ |
| | | | | ୧୦୫ | ୪୬୪(ପା) | ଏ.୦.୪୮୭ | ଏ. ୦.୦୭୫ | ରାଧାଶ୍ୟାମ ପଟ୍ଟନାଏକ, ବାଙ୍କ ବିହାରୀ ପଟ୍ଟନାଏକ, ନବକିଶୋର ପଟ୍ଟନାଏକ, ପି-ଗୋଲକ କୃଷ୍ଣ ପଟ୍ଟନାଏକ, ଗ୍ରାମଡ଼ିହ |
| | | | | ୧୩୪ | ୪୬୬(ପା)<br>୪୮୫<br>୪୬୫/<br>୫୫୧ | ଏ.୦.୫୫୫<br>ଏ.୦.୧୬୫<br>ଏ.୦.୦୮୫ | ଏ.୦.୩୦୦<br>ଏ. ୦.୧୬୫<br>ଏ.୦.୦୮୫ | ହୃଦାନନ୍ଦ ପଲେଇ, ପି-ଗୋବିନ୍ଦ ପଲେଇ, ଯଜ୍ଞାରସିଂହ |
| | | | | ୧୪୧ | ୪୬୮/<br>୬୧୧ | ଏ.୦.୪୨୦ | ଏ. ୦.୦୬୫ | ପ୍ରହଲ୍ଲାଦ ସାହୁ, ପି-ସୁଦର୍ଶନ ସାହୁ, ବାଲିସାହି |
| | | | | ୧୪୩ | ୪୬୫(ପା) | ଏ.୦.୩୭୦ | ଏ. ୦.୨୪୦ | ବଦନମଣି ଦେଇ, ସ୍ୱା-ଦୁର୍ଯୋଧନ ପ୍ରଧାନ, ମେଣ୍ଢାଶାଳ |
| | | | | ୧୩୪/<br>୨୧୫ | ୪୮୭(ପା)<br>୪୮୮(ପା)<br>୪୮୯(ପା)<br>୪୯୨(ପା)<br>୪୯୬(ପା) | ଏ.୦.୨୧୫<br>ଏ.୦.୮୯୩<br>ଏ.୦.୨୦୦<br>ଏ.୧.୩୬୫<br>ଏ.୩.୩୩୦ | ଏ. ୦.୦୦୫<br>ଏ. ୦.୪୮୫<br>ଏ. ୦.୦୪୫<br>ଏ. ୦.୩୮୫<br>ଏ. ୦.୦୪୫ | ଜେ.ଏନ ମଲ୍ଲି ପ୍ରୋଜେକ୍ଟସ ଆଣ୍ଡ ଇନଫ୍ରାସ୍ଟ୍ରକ୍ଚର ପ୍ରା.ଲିଃ ତରଫ ନିର୍ଦ୍ଦେଶକ, ନିରଞ୍ଜନ ସ୍ୱାଇଁ, ପି-ଗୌରାଙ୍ଗ ଚରଣ ସ୍ୱାଇଁ, ପ୍ଲଟ ନଂ-୩୧, ହଂସପାଳ, ଥା-ବାଲିଅନ୍ତା, ଖୋର୍ଦ୍ଧା |

ମୋଟ ଏ. ୨.୧୦୦

(Amin)

ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା